ISSN -2583-147X(P), Vol.- 8, Issue No. IX, December 2022
Bastabatara Pariprakash Prachee
*Peer Reviewed and Referred Research Journal*

# ଆଧୁନିକ ଓଡ଼ିଆ କବିତାରେ ପ୍ରତୀକ : ସ୍ଥିତି ଓ ସ୍ଥାପତ୍ୟ

## ଡକ୍ଟର ରାକେଶ କୁମାର ବିଶି

ବସ୍ତୁକୁ ଅତିକ୍ରମ କରି ବସ୍ତୁରୂପକୁ ଧରିବାର ପ୍ରଚେଷ୍ଟାରୁ 'ପ୍ରତୀକର' ଆବିର୍ଭାବ । 'ପ୍ରତୀୟତେ ଅନେକ ଇତି ପ୍ରତୀକ'- ଅର୍ଥାତ୍ ଯାହା ଦ୍ୱାରା ପ୍ରତୀତ ହୁଏ, ତାହା ହିଁ ପ୍ରତୀକ । ମଣିଷର କଳ୍ପନା ଜଗତରେ ଭାସମାନ କୌଣସି ଆବେଗ ବା ଭାବରାଜିର ସଙ୍କେତ ରୂପେ ପ୍ରତୀକକୁ ଗ୍ରହଣ କରିଯାଇଥାଏ । "ସଂକେତୋ ବଗୃହତେ ଜାତୌ ଖୁଣ ଦ୍ରବ୍ୟ କ୍ରିୟାଷୁଚ ।" ଅପ୍ରସ୍ତୁତ ବସ୍ତୁକୁ ପ୍ରତୀକ ସାଂକେତିକ ରୂପ ଦେଇଥାଏ । ଆପଣାର ଅନୁଭୂତି ବା ଭାବରହସ୍ୟକୁ ଭାଷାର ପରିଧିରେ ଆୟତ୍ତ କରିବାକୁ ମଣିଷ ଯେତେବେଳେ ସମର୍ଥ ହୁଏ ନାହିଁ, ସେତେବେଳେ ତାହାର ପରିପ୍ରକାଶ ପାଇଁ ସାହିତ୍ୟରେ ପ୍ରତୀକର ବ୍ୟବହୃତ ହୁଏ । ସାହିତ୍ୟରେ ଚିରକାଳ ପ୍ରତୀକର ବ୍ୟବହାର ହୋଇଆସିଛି । ଏହି ccðe A.Symons କହନ୍ତି – "Without symbolism there can be no literature." ପ୍ରତୀକ ବିନା ସାହିତ୍ୟର ଅସ୍ତିତ୍ୱ ପରିକଳ୍ପନା କରାଯାଇନପାରେ ।

ଓଡ଼ିଆ କବିତାରେ ପ୍ରତୀକର ପ୍ରଚଳନ କେହି କେହି ଗବେଷକ 'ଚର୍ଯ୍ୟାସାହିତ୍ୟ'ରୁ ଆରମ୍ଭ ବୋଲି କହୁଥିବା ବେଳେ ବାସ୍ତବରେ ଚର୍ଯ୍ୟାସାହିତ୍ୟ ସୃଷ୍ଟି ହେବାର ଦୀର୍ଘ ବର୍ଷ ପୂର୍ବରୁ ଲୋକଗୀତଗୁଡ଼ିକରେ ପ୍ରତୀକର ଅବସ୍ଥିତିକୁ ଆମେ ଲକ୍ଷ୍ୟ କରୁ । ଅବଶ୍ୟ ଏହା କୁହାଯାଇପାରେ ଯେ, ଲୋକଗୀତ ମଧ୍ୟସ୍ଥ ପ୍ରତୀକର ପ୍ରୟୋଗ ସ୍ରଷ୍ଟାର ଅଗୋଚରରେ ହୋଇଥାଏ । ସେହି ଦୃଷ୍ଟିକୋଣରୁ ବିଚାର କଲେ ଚର୍ଯ୍ୟାସାହିତ୍ୟରେ ହିଁ ସର୍ବପ୍ରଥମେ ସ୍ରଷ୍ଟାର ପ୍ରଚେଷ୍ଟାରେ ସ୍ୱେଚ୍ଛାକୃତ ଭାବରେ କବିତାମାନଙ୍କରେ ପ୍ରତୀକର ବ୍ୟବହାର ହୋଇଛି ।

ଆମ ପ୍ରାଚୀନ ଓଡ଼ିଆ କବିତାଗୁଡ଼ିକରେ ପ୍ରତୀକର ପ୍ରଚୁର ବ୍ୟବହାର ଆମେ ଲକ୍ଷ୍ୟ କରୁ । ଅନୁରୂପ ଭାବରେ ଆଧୁନିକ ଓଡ଼ିଆ କବିତା ମାନଙ୍କରେ ମଧ୍ୟ ଆମେ ଏହି ପ୍ରତୀକ ପ୍ରୟୋଗର ସଫଳତା, ବ୍ୟାପକତା, ଗଭୀରତାକୁ ଲକ୍ଷ୍ୟ କରିଥାଉ ।

ଆଧୁନିକ ଓଡ଼ିଆ ସାହିତ୍ୟରେ ଯଥାର୍ଥରେ କବି ସଚ୍ଚିଦାନନ୍ଦ ରାଉତରାୟ ହିଁ ପ୍ରତୀକ ପ୍ରୟୋଗର ଏକ ସୁସ୍ଥ ପରମ୍ପରା ସୃଷ୍ଟି କରିବାରେ ସକ୍ଷମ ହୋଇଥିବା ପରି ମନେହୁଅନ୍ତି । ତାଙ୍କର ପ୍ରାୟ କବିତାମାନଙ୍କରେ ପ୍ରତୀକର ସଫଳ ପ୍ରୟୋଗ ଦେଖିବାକୁ ମିଳେ । ସଚ୍ଚି ରାଉତରାୟଙ୍କ ବୟୋଜ୍ୟେଷ୍ଠ କବି ଗୋପାଳଚନ୍ଦ୍ର ମିଶ୍ର, ଗୋଦାବରୀଶ ମହାପାତ୍ର, ବୈକୁଣ୍ଠନାଥ ପଟ୍ଟନାୟକ, ମାୟାଧର ମାନସିଂହ, ରାଧାମୋହନ ଗଡନାୟକ ପ୍ରଭୃତି କବିମାନଙ୍କ ରଚନାରେ ପ୍ରତୀକ ପ୍ରୟୋଗର ସଫଳତା ରହିଛି ।

ଏହାର ପରବର୍ତ୍ତୀ କାଳରେ ଜାନକୀବଲ୍ଲଭ ମହାନ୍ତି, ଗୁରୁପ୍ରସାଦ ମହାନ୍ତି, ଭାନୁଜୀ ରାଓ, ରମାକାନ୍ତ ରଥ, ଶରତଚନ୍ଦ୍ର ପ୍ରଧାନ, ସୀତାକାନ୍ତ ମହାପାତ୍ର, ବେଣୁଧର ରାଉତ, ସୌଭାଗ÷ କୁମାର ମିଶ୍ର ପ୍ରଭୃତିଙ୍କ କବିତାଗୁଡ଼ିକରେ ପ୍ରତୀକ ପ୍ରୟୋଗର ଶ୍ରେଷ୍ଠତ୍ୱକୁ ଆମେ ସ୍ପର୍ଶ କରିଥାଉ ।

"ଆଧୁନିକ ଓଡ଼ିଆ କବିତାରେ କବିମାନେ ସାର୍ବଜନୀନ ଓ ପାରମ୍ପରିକ ପ୍ରତୀକ ଯେପରି ଭାବରେ ପ୍ରୟୋଗ କରିଛନ୍ତି, ସେହିପରି ଭାବରେ ବ୍ୟକ୍ତିଗତ ପ୍ରତୀକ ପ୍ରୟୋଗ ମାଧ୍ୟମରେ କବିତାକୁ ଅଧିକ ସୂକ୍ଷ୍ମବୋଧ ଶକ୍ତିର ଉପାଦାନ ଭାବେ ଗଢ଼ି ତୋଳିଛନ୍ତି । କିନ୍ତୁ କେତେକ କ୍ଷେତ୍ରରେ ଆଧୁନିକ ଓଡ଼ିଆ କବି ଅତି ବୌଦ୍ଧିକତାର ଛଦ୍ମତା କରି ଏପରି ଅବୋଧ ବ୍ୟକ୍ତିଗତ ପ୍ରତୀକ ସବୁ ପ୍ରୟୋଗ

କରିଛନ୍ତି, ଯାହା ସେମାନଙ୍କ କବିତାକୁ ଅଯଥା ଦୁର୍ବୋଧ୍ୟ କରି ପକାଇଛି । ଆଧୁନିକ ମଣିଷର, ହତାଶା, ନୈରାଶ୍ୟ, ଅନ୍ତର୍ଦ୍ୱନ୍ଦ୍ୱ, ବିଭାଜିତ ବ୍ୟକ୍ତିସତ୍ତା, ମାନସିକ ସନ୍ତୁଳନ ଓ ବ୍ୟର୍ଥତାବୋଧ, ଯୌନପିପାସା, ବ୍ୟଭିଚାରର ଇତ୍ୟାଦି ପ୍ରତୀକ ଦ୍ୱାରା ବେଶ୍ ସ୍ୱଷ୍ଟ ଭାବରେ ପ୍ରକାଶ ପାଇପାରିଛି । ତତ୍‌ସହିତ ସମୁଦ୍ର, ସୂର୍ଯ୍ୟ, ପକ୍ଷୀ, ଲଣ୍ଠନ, ଗୋଲାପ, କଣ୍ଟା, ବନ୍ଧୁକ, ଚିମିନି ଇତ୍ୟାଦି ଅନେକଙ୍କୁ ଏମାନେ ପ୍ରତୀକଭାବରେ ଗ୍ରହଣ କରି ରସୋତ୍ତୀର୍ଣ୍ଣ କବିତା ସୃଷ୍ଟି କରିପାରିଛନ୍ତି ।"୧ ଏହି ପରିପ୍ରେକ୍ଷୀରେ କିଛି ଲବ୍ଧ ପ୍ରତିଷ୍ଠିତ କବିଙ୍କର କିଛି କବିତାକୁ ଆଲୋକପାତ କରାଯାଇପାରେ, ଯେଉଁମାନଙ୍କର କବିତାରେ ପ୍ରତୀକର ସଫଳ ପ୍ରୟୋଗ ପରିଦୃଷ୍ଟ ।

ଡକ୍ଟର ଗୋପାଳଚନ୍ଦ୍ର ମିଶ୍ର ଆଧୁନିକ କାବ୍ୟ ଜଗତରେ ଏକ ସଶ୍ରଦ୍ଧ ଉଚ୍ଚାରଣ । ତାଙ୍କ 'କପୋତ ଡେଣାର ଛାଇ' କବିତାରେ କପୋତ ଶାନ୍ତିର ଦୂତ ରୂପେ ପ୍ରତୀକିତ । କବିଙ୍କ ଭାଷାରେ–

"ଆକାଶର ଅଧାବାଟେ
ଆକସ୍ମିକ ଦେଖାହୁଏ ଯେବେ ଝଡ଼ସହ
ତୁମେ ତାକୁ ଡେଣା ପରେ ଚାପିନେଇ
ପୃଥ୍ୱୀ ପାଇଁ ବୁଝାଇ ଦିଅନ୍ତ
ଏ ପୃଥିବୀ କେତେ ଶାନ୍ତ
କେତେ ସ୍ନିଗ୍ଧ ରତ୍ନଗର୍ଭା ବସୁନ୍ଧରା
ହେ ଅଣନିଃଶ୍ୱାସୀ ଝଡ଼
ତୁମେ ତାକୁ କର ନାହିଁ ଖଣ୍ଡିଆ ଖାବରା ।"
(କପୋତ ଡେଣାର ଛାଇ)

କପୋତ ପକ୍ଷୀର କ୍ଷୁଦ୍ର ଡେଣା ଭିତରେ ଯୁଦ୍ଧଖୋର ଧ୍ୱସ୍ତବିଧ୍ୱସ୍ତ ପୃଥିବୀକୁ ଶାନ୍ତି ପ୍ରଦାନ ଓ ଆଶ୍ରୟ ଦେବାର ଭାବନା ଭିତରେ ଯେଉଁ ପ୍ରତୀକ ବ୍ୟବହୃତ ହୋଇଛି, ତାହା ବାସ୍ତବରେ ହୃଦୟସ୍ପର୍ଶୀ ।

ଠିକ୍ ସେମିତି ଗୋଦାବରୀଶ ମହାପାତ୍ରଙ୍କ 'ପେଚା' କବିତାରେ ପେଚା ପାଲଟିଛି ଯୁଦ୍ଧଖୋର, ନୃଶଂସ, ନରହତ୍ୟାକାରୀ, ଧ୍ୱଂସକାରୀ ଅଥଚ ଭୀରୁ ଅମଣିଷ ରୂପକ ପ୍ରତୀକ ଭାବରେ । ଏଣୁ କବି କୁହନ୍ତି –

"ବିଶାଳ ସେ ଚକ୍ଷୁ ଯୁଥ, ତିକ୍ଷ୍ଣ ଚଂଚୁ ପ୍ରଖର ନଖର
ଝାଡ଼ି ତୁମେ ଗଲେ ଉଡ଼ି ମନେ ଜାଗେ ଚମକ ପ୍ରଖର
ହେ ଦିବାନ୍ଧ ଚକାଡୋଳା ଭୀରୁ ସମ ଲୁଚି ରହି କାହିଁ
କରୁଚ ଶିକାର କରେ ଅନ୍ଧକାରେ ଜଣାପଡୁନାହିଁ ।"
(ପେଚା)

କବି ବୈକୁଣ୍ଠନାଥ ପଟ୍ଟନାୟକଙ୍କ 'ପାନ୍ଥଶାଳା' କବିତାରେ ପ୍ରତୀକର ସଫଳ ପ୍ରୟୋଗ ହୋଇଥିବା ଦେଖାଯାଏ । ଏଠି ପଥଚାରୀ ମାନଙ୍କୁ ଆଶ୍ରୟ ଦେଉଥିବା ଘର ପାନ୍ଥଶାଳା ନୁହଁ । ଏଠି ବରଂ କବି ଆତ୍ମା ରୂପୀ ପଥିକର ଶ୍ରେଷ୍ଠ ଓ ସର୍ବୋତ୍ତମ ପାନ୍ଥଶାଳା ପରମାତ୍ମା ବୋଲି ବ୍ୟକ୍ତ କରିଛନ୍ତି । ଦୁଃଖ କଷ୍ଟପୂର୍ଣ୍ଣ ସଂସାର ତା' ପାଇଁ କେବଳ ସାମୟିକ ଆଶ୍ରୟସ୍ଥଳ ପାନ୍ଥଶାଳା ଅଟେ ।

ରାଧାମୋହନ ଗଡ଼ନାୟକ ତାଙ୍କ କବିତା 'ପ୍ରେମର ପ୍ରତୀକ' ରେ ପ୍ରେମର ପରିଭାଷାକୁ ଭିନ୍ନ ରୂପରେ, ଭିନ୍ନ ଢଙ୍ଗରେ ପ୍ରକାଶ କରି କୁହନ୍ତି –

"ଆଷାଢ଼ର ବିଜୁଳିଟି
ମୋର ପ୍ରେମର ପ୍ରତୀକ"
ବା
"ବସନ୍ତର କୋଇଲିଟି
ମୋର ପ୍ରେମର ପ୍ରତୀକ ।"

ଆଧୁନିକ ଓଡ଼ିଆ ସାହିତ୍ୟର ଅନ୍ୟତମ ଜଣେ ସଫଳ କବି ହେଲେ ଗୁରୁପ୍ରସାଦ ମହାନ୍ତି । ଯାହାଙ୍କ କାବ୍ୟ କବିତାରେ ପ୍ରତୀକର ସୂକ୍ଷ୍ମ କାରୁକାର୍ଯ୍ୟପୂର୍ଣ୍ଣ ପ୍ରୟୋଗ ଦେଖିବାକୁ ମିଳେ । ଯାହାର ଏକ ବଳିଷ୍ଠ ପ୍ରମାଣ ହେଉଛି 'ସମୁଦ୍ର ସ୍ନାନ' କବିତାଗ୍ରନ୍ଥ । 'ସମୁଦ୍ରଗ୍ରନ୍ଥ' ରେ ଯୁଦ୍ଧୋତ୍ତର ପୃଥିବୀର ଅନେକ ବିଷୟ ପ୍ରତୀକାତ୍ମକ ଭାବରେ ଅଭିବ୍ୟକ୍ତ ଲାଭ କରିଛି । ଯେପରି –

"ମୁଁ ବସେ ଝରକା ପାଖେ ଯାକି ଯୁକି
ଗୋଲ କରି ରଖି ମୋର ଛାତି ପକେଟରେ
ମଲ୍ଲୀହାର, ଚମ୍ପାକଦ, ଶାଢ଼ୀ ତାର ବ୍ଲାଉଜ ତାର

ଗୋଲଛାତି କଳା ଆଖି ତାର
ରୁମାଲରେ ଯାକିଯୁକି ମନ ମୋର ଦେହ ମୋର
ଆତ୍ମା ମୋର ମୋ' ପୁରୁଷାକାର" । (ଗୋବର ଗଣେଶ)

ଏଠି ଗୋବର ଗଣେଶ ସାଂପ୍ରତିକ ସମୟର ଏକ ଆତ୍ମବିହୀନ ଗୌଣ ପ୍ରତୀକଟିଏ । ଏକ ଯୌନ ବିକାରଗ୍ରସ୍ତ ରୁଗ୍ଣ ଓ ଅସୁସ୍ଥ ମାନସିକତାର ପ୍ରତୀକ ।

ବେଣୁଧର ରାଉତଙ୍କ 'ସୁନା ସିଂହର ସ୍ୱପ୍ନ' ଓ 'କାଠଘୋଡ଼ା ପାଣି ପି' କବିତାରେ ଦୁଇଟି କାଳ୍ପନିକ ପ୍ରତୀକ ସର୍ଜନା କରିଛନ୍ତି । ଅନୁରୂପ ଭାବରେ ଜାନକୀ ବଲ୍ଲଭ ମହାନ୍ତିଙ୍କ ରଚିତ 'ବରଫହ୍ରଦ' ବୈଚିତ୍ର୍ୟତା ଦୃଷ୍ଟିରୁ ଉଲ୍ଲେଖଯୋଗ୍ୟ ।

"ମୋର ତୃଷ୍ଣା ତୁମ ନିକଟରୁ ଫେରିଆସେ
ତୁମର ଆପାତ ଅଚଂଚଳ ମୌନତା ହିଁ ଆଣେ ଆଘାତ
ତୁମେ କି' ରସର ଘନୀଭୂତ ରୂପ-ଅନାସ୍ୱାଦ୍ୟ !
ତୁମେ ବହିଛ ଅସାର୍ଥକ ସଂଚୟର ଜଡ଼ତା
ଉତ୍ତାପ ହୀନ ଅଶକ୍ତ ମୁଁ
ତୁମକୁ ବିଗଳିତ କରିବାକୁ
କୃତ୍ରିମ ଆଗ୍ନେୟ ବର୍ଚ୍ଛା ଏଣୁ
ତୁମକୁ ଉଦ୍ଦୀପ୍ତ ଉଜ୍ଜୀବିତ କରୁ
ହେ ନିଶ୍ଚଳ ତରଙ୍ଗହୀନଶ୍ରୀ
ହେ ନିଷ୍ଠୁର ରମଣୀୟ
ଏ ଗତିଶୀଳ ତୃଷାର୍ତ୍ତ ପଥିକର ଉପେକ୍ଷା ନେଇ
ତୁମେ ହୁଅ ସ୍ମରଣୀୟ ।" (ବରଫ ହ୍ରଦ)

ଈଶ୍ୱରଙ୍କ ପ୍ରତି ଆମର ଯେଉଁ ଅଭିଜ୍ଞତା 'ବରଫ ହ୍ରଦ'ର ପ୍ରତୀକ ମାଧ୍ୟମରେ ତାହା ନିଷ୍କପଟ ଭାବରେ ପ୍ରତିଫଳିତ ହୋଇଛି ।

ଆଧୁନିକ ଓଡ଼ିଆ କବିତାର ଅନ୍ୟତମ ସାରଥୀ ହେଲେ କବି ଭାନୁଜୀ ରାଓ । କବିଙ୍କ ଦୃଷ୍ଟିରେ ସମୁଦ୍ର ଜୈବିକ ଚେତନାର ପ୍ରତୀକ । ତାହା ସୌନ୍ଦର୍ଯ୍ୟ ଓ ଦେହାତୀତ ଭାବର ଭୂମି ମଧ୍ୟ । କବିଙ୍କ ଭାଷାରେ–

"ତୁମ ଆଖି ସବୁଜ ସମୁଦ୍ର
ତନୁତଟେ ଢେଉ ଭାଙ୍ଗିପଡ଼େ
ପ୍ରବାଳର ଓଠ ଥରେ/ ପୁଞ୍ଜି ପୁଞ୍ଜି ଫେଣର ଭିତରେ
ଦେହ ତୁମ ଭାଙ୍ଗି ପଡ଼େ
ଧୁଡୁ ଧୁଡୁ ତମ ଆଉ ହାଡ଼
ଲୋଉକୋଉ ଜରାର ପାହାଡ଼ ।"(ସାଗରକନ୍ୟା)

ସମୁଦ୍ର ମଧ୍ୟରେ କବି ଦେହର ଓ ସୌନ୍ଦର୍ଯ୍ୟର କ୍ଷୟଶୀଳତାକୁ ପ୍ରତୀକ ମାଧ୍ୟମରେ ପ୍ରତ୍ୟକ୍ଷ କରିଛନ୍ତି ।

କବି ଶରତଚନ୍ଦ୍ର ପ୍ରଧାନଙ୍କ 'ନଈ ଆଉ ମାଛ, ହଂସ ଓ ସାହସ' ଗ୍ରନ୍ଥରେ ଋରିଗୋଟି ପ୍ରତୀକ ବ୍ୟବହାର କରାଯାଇଛି । ତନ୍ମଧ୍ୟରୁ 'ହଂସ ପ୍ରତି' କବିତାରେ ହଂସକୁ ଆତ୍ମାର ପ୍ରତୀକ ରୂପେ ପରିକଳ୍ପନା କରାଯାଇ କୁହାଯାଇଛି –

"ପଋରିଲି ହଂସ ଆରେ କାହିଁ ତୋର ଗ୍ରାମ
କେତେ ଦୂରେ ଯାତ୍ରା ପୁଣି କେଉଁଠି ବିଶ୍ରାମ ।"

ଜୀବାତ୍ମା ଯେପରି କୌଣସି ଜାଗତିକ ବନ୍ଧନରେ ସର୍ବଦା ବାନ୍ଧି ହୋଇ ରହିନଥାଏ, ସେହି ପରି ହଂସ ମଧ୍ୟ ଆଚରଣ କରେ । ଏଣୁ କବି ହଂସକୁ ଆତ୍ମାର ପ୍ରତୀକ ରୂପେ ଗ୍ରହଣ କରିଛନ୍ତି ।

ରମାକାନ୍ତ ରଥ ଆଧୁନିକ କାବ୍ୟ ସାମ୍ରାଜ୍ୟର ଅନ୍ୟତମ ଅପ୍ରତିଦ୍ୱନ୍ଦୀ ସାମ୍ରାଜ୍ଞୀ । ତାଙ୍କର ପ୍ରାୟ ମାତ୍ରାଧିକ କବିତାରେ ପ୍ରତୀକର ସଫଳ ପ୍ରୟୋଗ ପରିଲକ୍ଷିତ । ଏ ପରିପ୍ରେକ୍ଷୀରେ ତାଙ୍କର 'କେତେ ଦିନର' କାବ୍ୟଗ୍ରନ୍ଥସ୍ଥ 'ଲଣ୍ଠନ' କବିତାକୁ ବିଋର କରାଯାଇପାରେ–

"କିରାସିନୀ, କିଛି ଧୂଆଁ, ବତି ଶିଖା ଏବଂ କିଛି କୀଟ
ଏ ସମସ୍ତ ଏକାକାର ଏ ଧାତବ ପରିବେଷ୍ଟନୀରେ
ଏ କଳେଇଛଡ଼ା ଟିଣ ପେଟ ତଳେ ଅଗ୍ନିର ସମୁଦ୍ର
ଢ଼େଉ ଭାଙ୍ଗି ଜଳୁଅଛି ଭୟଙ୍କର କୃଷ୍ଣ ରଜନୀରେ ।"

ଏଠାରେ 'ଲଣ୍ଠନକୁ' କବି ମାନବୀୟ ଅସ୍ତିତ୍ୱର ପ୍ରତୀକ ଭାବରେ ବିଋର କରିଛନ୍ତି । ଲଣ୍ଠନର ଧାତବ ପରିବେଷ୍ଟନୀ ମଧ୍ୟରେ କିରାସିନୀ, ଧୂଆଁ, ଶିଖା, କୀଟ ଇତ୍ୟାଦିର ସ୍ଥିତି ଓ ଭୟଙ୍କର ଅନ୍ଧାର ରାତିରେ ଏହାର ଜ୍ୱଳନଜନିତ ଆଲୋକ ପ୍ରକାଶ ଆଧୁନିକ

ସମାଜର ଜଞ୍ଜାଳଗ୍ରସ୍ତ ବିବ୍ରତ ମାନବାତ୍ମାର ଅସ୍ତିତ୍ୱକୁ ପ୍ରତୀକ କରୁଛି । ତାଙ୍କର ଅନ୍ୟ ଏକ କବିତା 'ବାଘ ଶିକାର'କୁ ଲକ୍ଷ୍ୟ କରାଯାଉ–

"....ଯେତେବେଳେ ଚନ୍ଦ୍ର ବୁଡ଼ିଯିବ
ଅନ୍ଧାରର ସମୁଦ୍ରକୁ ଦୁଲୁକାଇ ଫେରିବ ସେ ବାଘ ।"
x x x
ମୁଁ ହାୟ ମୋହର କ୍ଷିପ୍ତ ଖଣ୍ଡ ଖଣ୍ଡ ଛୋଟ ଆଖି ଯୋଗୁଁ
ତାକୁ ଦେଖି ପାରିବିନି ଆଜୀବନ ଅପେକ୍ଷା ଉତ୍ତାରେ
ବାଘ ମଧ୍ୟ ଦେଖିବନି ମତେ ।

ଏଠାରେ ବାଘ ବ୍ୟକ୍ତିଗତ ଦୃଷ୍ଟିକୋଣରୁ ଏକ ଜଟିଳ, ଦୁର୍ବୋଧର ପ୍ରତୀକ, ପୁଣି ବାଘ ଏଠାରେ ହେଉଛି ସୃଷ୍ଟି ଓ ସଂହାରର ପ୍ରତୀକ ।

ରମାକାନ୍ତଙ୍କ ପରି ସୀତାକାନ୍ତ ମହାପାତ୍ର ମଧ୍ୟ ପ୍ରତୀକ ପ୍ରୟୋଗରେ ଜଣେ ସିଦ୍ଧହସ୍ତ କବି । ତାଙ୍କର ବିଭିନ୍ନ କବିତା ଗୁଡ଼ିକରେ ପ୍ରତୀକର ସଫଳ ପ୍ରୟୋଗ ହୋଇଥିବା ଦେଖାଯାଏ । ତାଙ୍କ ରଚିତ 'ଅଷ୍ଟପଦୀ' କବିତାର ଉଦାହରଣଟିଏ ନିଆଯାଇପାରେ–

"ହୃଦୟରେ ଖାଲି ମୋର କଣ୍ଟାବୁଦା, ଧସାବାଲି
ନାଗଫେଣୀ, ମରୁଭୂମି ଟୋପେ ନାହିଁ ଜଳ ।"

ଏଠାରେ ଆଧୁନିକ ମଣିଷର ସନ୍ଦେହ, ହତାଶା, ଯନ୍ତ୍ରଣାବୋଧ, ମୃତ୍ୟୁ କଳ୍ପନାର ଶୀତଳତା ହିଁ 'କଣ୍ଟାବୁଦା', 'ଧସାବାଲି', 'ମରୁଭୂମି' ଇତ୍ୟାଦି ଦ୍ୱାରା ପ୍ରତୀକିତ ହୋଇଛି ।

ଆଧୁନିକ ଓଡ଼ିଆ ସାହିତ୍ୟ ପୃଷ୍ଠାରେ ଏମିତି ଅନେକ ସଫଳ କବି ଅଛନ୍ତି, ଯେଉଁମାନଙ୍କ କବିତାରେ ପ୍ରତୀକର ପ୍ରୟୋଗ ସଫଳ ରୂପାୟଣ ଦେଖିବାକୁ ମିଳେ । ତନ୍ମଧ୍ୟରୁ ନୀଳାଦ୍ରି ଭୂଷଣ ହରିଚନ୍ଦନ, ପ୍ରସନ୍ନ କୁମାର ପାଟ୍ଟଶାଣୀ, ରାଜେନ୍ଦ୍ର କିଶୋର ପଣ୍ଡା, ସୌରୀନ୍ଦ୍ର ବାରିକ, ଦୀପକ ମିଶ୍ର, ପ୍ରସନ୍ନ ମିଶ୍ର, ଫନି ମହାନ୍ତି, ପ୍ରତିଭା ଶତପଥୀ, ହରପ୍ରସାଦ ଦାସ, ଗୋପାଳକୃଷ୍ଣ ରଥ, ଦେବଦାସ ଛୋଟରାୟ, ଗିରିବାଳା ମହାନ୍ତି, ପୀତାମ୍ବର ତରାଇ, ସେନାପତି ପ୍ରଦ୍ୟୁମ୍ନ କେଶରୀ, ଗିରିଜା କୁମାର ବଳିୟାର ସିଂହ, ଦିଲ୍ଲୀପ ସ୍ୱାଇଁ, ଶତ୍ରୁଘ୍ନ ପାଣ୍ଡବ, ଅପର୍ଣ୍ଣା ମହାନ୍ତି, ସୁନୀଲ କୁମାର ପୃଷ୍ଟି ପ୍ରଭୃତି କବିବୃନ୍ଦ ସ୍ମରଣୀୟ ।

ମୋଟ ଉପରେ ଆଧୁନିକ ଓଡ଼ିଆ କବିତାରେ ବହୁ କୃତବିଦ୍ୟ କବିଙ୍କର ସଫଳ ପ୍ରତୀକ ପ୍ରୟୋଗ କବିତାକୁ ସୂକ୍ଷ୍ମ ଅବବୋଧର ସାମଗ୍ରୀ ଭାବେ ଗଢ଼ି ତୋଳିବାରେ ସମର୍ଥ ହୋଇପାରିଛି । ପ୍ରାଚୀନ ଓଡ଼ିଆ ସାହିତ୍ୟଠାରୁ ଆଧୁନିକ ଓଡ଼ିଆ କବିତା ପର୍ଯ୍ୟନ୍ତ ପ୍ରତୀକ ପ୍ରୟୋଗ କବିତା ସହ ଓତଃପ୍ରୋତ ଭାବେ ଜଡ଼ିତ । ପରନ୍ତୁ ଆଧୁନିକ କବିତା ଗୁଡ଼ିକରେ ପ୍ରତୀକ ପ୍ରୟୋଗର ବ୍ୟାପକତା, ଗଭୀରତା ତଥା ବିଚିତ୍ରତାକୁ ବେଶ୍ ଉପଲବ୍ଧି କରିହୁଏ ।

ଅଧ୍ୟାପକ, କେସିଙ୍ଗା ମହାବିଦ୍ୟାଳୟ
କଳାହାଣ୍ଡି-୭୬୬ ୦୧୨
ଇମେଲ୍- rakeshkumarbishi1981@gmail.com